# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନବୀନଙ୍କ କେନ୍ଦ୍ରକୁ ଚିଠି

ଭୁବନେଶ୍ୱର, ତା୧୯।୭ (ନି.ପ୍ର.)– ରାଜ୍ୟର ଆଦିବାସୀ ବହୁଳ କେବିକେ ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂହଙ୍କ ନିକଟକୁ ପତ୍ର ଲେଖିଛନ୍ତି । ନିକଟ ଭବିଷ୍ୟତରେ କେନ୍ଦ୍ର ସରକାର ଏ ସମ୍ପର୍କରେ ଏକ ବିଧେୟକ ଆଣିବାକୁ ଯାଉଥିବାରୁ ଓଡ଼ିଶାର ଏହି ଯୁକ୍ତିଯୁକ୍ତ ଦାବି ସମ୍ପର୍କରେ ବିଚାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି । ଓଡ଼ିଶାର କେବିକେ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ଯୁକ୍ତି ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ମୋଟ ଲୋକସଂଖ୍ୟାର ୩୮ଭାଗ ତଫସିଲଭୁକ୍ତ ଜାତି ଓ ଉପଜାତି ସମ୍ପ୍ରଦାୟର ହୋଇଥିବାବେଳେ ସେଥିରୁ ୨୨ଭାଗ ହେଉଛନ୍ତି ତଫସିଲଭୁକ୍ତ ଉପଜାତି ।

ଓଡ଼ିଶାର ୪୮ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି । ତେଣୁ କେବିକେ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦ୍ୱାରା ତଫସିଲଭୁକ୍ତ ଜାତି, ଉପଜାତି ସମ୍ପ୍ରଦାୟ ସମେତ ସେହି ଅଞ୍ଚଳରେ ରହୁଥିବା ଗରିବ ମେଧାବୀ ଛାତ୍ରମାନେ ଉଚ୍ଚଶିକ୍ଷା ଓ ଗବେଷଣାର ସୁଯୋଗ ପାଇପାରିବେ ଏବଂ ସେମାନଙ୍କ ଜୀବନଧାରଣ ମାନରେ ଗୁଣାତ୍ମକ ବିକାଶ ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଆଶାବ୍ୟକ୍ତ କରିଛନ୍ତି ।

ନୂଆଦିଲ୍ଲୀଠାରେ ଗତ ମାସରେ କେନ୍ଦ୍ରମାନବ ସମ୍ବଳ ମନ୍ତ୍ରୀଙ୍କ ସହିତ ଏ ସମ୍ପର୍କରେ ତାଙ୍କର ହୋଇଥିବା ଆଲୋଚନା ଏବଂ ସମ୍ପ୍ରତି ମଧ୍ୟପ୍ରଦେଶର ଅମରକଣ୍ଟକଠାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ମୁଖ୍ୟମନ୍ତ୍ରୀ ତାଙ୍କର ପତ୍ରରେ ଉଲ୍ଲେଖକରି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ଓଡ଼ିଶାର ନ୍ୟାୟୋଚିତ ଦାବିକୁ ଉପେକ୍ଷା କରାଯାଇଥିବାରୁ ଶ୍ରୀ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଓଡ଼ିଶାର ଜନସାଧାରଣଙ୍କର ଏହି ନ୍ୟାୟୋଚିତ ଦାବି ପ୍ରତି ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଆଶା ପ୍ରକାଶ କରିଛନ୍ତି ।


**ADMISSION 2007-08**

**MBBS / BDS**

**PG / BE / MBA / MCA**

**HM / NURSING**

All over India & Abroad in **LOW** Pkg.

**IDEAL CONCERN**

☎ : (033)-25415531/5923

09830697414/09836770107

*Visit us at www.idealconcern.co.nr*



ଡାଉନ୍‌ପେମେଣ୍ଟ୍ କ